# ପଞ୍ଚବଧ୍ୟା-ମାଲିଣ୍ଡୀ

Digitized by srujanika@gmail.com

# ଦଶବର୍ଣ୍ଣମାଳଶ୍ରୀ

ସୁରଙ୍ଗୀ ଅଧୀଶ୍ୱର ।

ଶ୍ରୀଚନ୍ଦ୍ରଚୂଡ଼ାମଣିରାଜାହରିଚନ୍ଦନଜଗଦ୍ଦେବ

ବିରଚିତ ।

ପ୍ରଥମବାର ପ୍ରକାଶିତ ।

୧୯୧୨

PRINTED AT THE BRUNDABAN PROTINIDHI
Kishore Chandra Press,
ASKA (GANJAM)
1912

ମୂଲ୍ୟ ୦-୯-୬ ।

Digitized by srujanika@gmail.com

# ଅଭିମତ ।

ପାର୍ବଣ ସମୟରେ ପ୍ରାୟ ଗଡ଼ଜାତରେ ଦଶମହାବିଦ୍ୟା ସ୍ତୋତ୍ର ପଠିତହୁଏ । ରାଜକବି ଶ୍ରୀଯୁକ୍ତ ସୁରଙ୍ଗୀ ଅଧୀଶ୍ୱର ମହୋଦୟ ଦଶମହାବିଦ୍ୟାର ସେହି ସ୍ତୋତ୍ରଗୁଡ଼ିକ ସରଳ ଭାଷାରେ ମାଳଶ୍ରୀଛନ୍ଦରେ ଅନୁବାଦ କରିଅଛନ୍ତି । ମୂଳ ଭାଷାର ପ୍ରାଣରକ୍ଷା ପୂର୍ବକ ଅନୁବାଦ କରିଥିବା ହେତୁ ରାଜକବି ମହୋଦୟ ଧନ୍ୟବାଦାର୍ହ । କବିତାଗୁଡ଼ିକ ସୁମଧୁର ଏବଂ ସୁଖପାଠ୍ୟ ହୋଇଅଛି ।

ଇଚ୍ଛାପୁର<br>
୨୨-୮-୧୨

ଶ୍ରୀ ଚନ୍ଦ୍ରମଣି ମହାନ୍ତି ।

# ଦଶବିଦ୍ୟା ମାଳଶ୍ରୀ ।

(୧)

ଜୟ ଜୟ ଶ୍ରୀ କଙ୍କଳ-ବଦନୀ,
ଭୟଙ୍କର ମୁକୁଳା-କୁନ୍ତଳନୀ,
ବେଦହସ୍ତା ମୁଣ୍ଡମାଳା ଭୂଷିତା,
ସଦା ବ୍ରହ୍ମା କେଶବାଦ ବନ୍ଦିତା,
ବାମକରେ ଧର
ସଦ୍ୟଚ୍ଛିନ୍ନଶିର
ମୁଣ୍ଡାସିବର ଧାରଣୀ
ଦକ୍ଷିଣେ ଅଭୟ-ବରଦାୟିନୀ ।

(୨)

ମହାମେଘବର୍ଣ୍ଣା ଦିଗଅମ୍ବର
ରକ୍ତଚର୍ଚ୍ଚର ଭୃଙ୍ଗ ମଦ୍ୟୁପସ୍ଥ
ସଦାଶିବ-ମହା ପ୍ରେତ ଆସନା
ଶ୍ମଶାନ ଅନଳ ମଧ୍ୟ-ବାସିନୀ
ଶବ ଯୁଗ୍ମଧାର
କର୍ଣ୍ଣ ଅଳଙ୍କାର
ଅଟ୍ଟର ପୁଣ ଭୀଷଣ
ଶବ କରମାନ କଟି ଭୂଷଣ ।

Digitized by srujanika@gmail.com

( ୩ )

କାଳ ବିପରୀତ ରତ ଅବୁଗ୍ର,
ତରୁଣ ଅରୁଣ ନେତ୍ରୀ ଦନ୍ତୁରା,
କୋଟି କୋଟିଶିବା ବୃନ୍ଦ ବେଷ୍ଟିତା,
ସହସ୍ର ଯୋଗିନୀଗଣ ସେବିତା,
ଶଶାଙ୍କ ଶେଖରା
ନାଗ-ସୂତ୍ର ଧରା
ମଧୁପାନ ପ୍ରମତ୍ତିକା
ନମାମି ମାତଃ ଦକ୍ଷିଣ କାଳିକା ।

( ୪ )

ବିଶ୍ୱବ୍ୟାପୀ ଜଳ ଜଳଜସ୍ଥିତା,
ପ୍ରତ୍ୟାଳୀଢ଼େ ଶବ ପର ସ୍ଥିତା,
ଦକ୍ଷିଣ ହସ୍ତେ କାତି କରବାଳ,
ବାମକରେ ଶୋଭେ କପାଳୋତ୍ପଳ,
ବିକଟ ଆନନୀ
ନବଯୌବନୀ
ପିଙ୍ଗଉଗ୍ର ଏକ ଜଟା
ଅକ୍ଷୋଭନାଗରେ ଦଣ୍ଡେ ବିଷ୍ଟା ।

(୨)

ଲମ୍ବୋଦରୀ ବ୍ୟାଘ୍ରଚର୍ମ ଅମ୍ବରା,
ନୀଳରଙ୍ଗା ଖର୍ବା ଭୟଙ୍କରା,
ରବି ଶଶାଙ୍କର ଅନଲେକ୍ଷଣୀ,
ନାଗ-କାଞ୍ଚି ନାଗ-ହାର ଧାରିଣୀ,
କରାଳଦଶନୀ
ଉଷିତ ନାସିକା
ଜ୍ୱଳିତ ଚିତା-ବାସିନୀ
ଜୟ ଶ୍ରୀ ତାରା ତ୍ରିଲୋକଜନନୀ ।

(୩)

ବାଳସୂର୍ଯ୍ୟ ପରି ଶରୀରଆଭା,
ଶିରେ ଅର୍ଦ୍ଧଇନ୍ଦୁ ବିଶେଷ ଶୋଭା,
ପାଶାଙ୍କୁଶ ଶର ଚାପଧାରିଣୀ,
ଶୁଭ୍ର ସୁବର୍ଣ୍ଣ କୁଣ୍ଡଳ ମଣ୍ଡିତା,
ତ୍ରିନେତ୍ର ଧାରିଣୀ
ରକ୍ତ-ବସନୀ
ସର୍ବ ସଉଭାଗ୍ୟ କାରୀ
ନମୋ ନମସ୍ତେ ତ୍ରିପୁର ସୁନ୍ଦରୀ ।

Digitized by srujanika@gmail.com

( ୭ )

ଉଦୟ-ଭାସ୍କର ଛବି-ବରଣୀ,
ଦରହାସଯୁକ୍ତ ଚନ୍ଦ୍ରବଦନା,
ଅର୍ଦ୍ଧଶଶାଙ୍କ ମୁକୁଟ ଶୋଭିତା,
ବରାଙ୍କୁଶ ପାଶ ଅଭୟହସ୍ତା,
ତ୍ରିସଂଖ୍ୟ ନୟନୀ
ଶଙ୍କର ମୋହିନୀ
ପୀନୋନ୍ନତ ପୟୋଧରୀ ।
ନମସ୍ତେ ନମସ୍ତେ ଭୁବନେଶ୍ୱରୀ ।

( ୮ )

ସହସ୍ର ରବି ପରି ତାମ୍ରଅଙ୍ଗୀ,
ଚନ୍ଦ୍ରଯୁକ୍ତ ଜଟା ଦିଶେ ତ୍ରିଭଙ୍ଗୀ,
ମୁକ୍ତାଦି ଖଚିତ ରତ୍ନ ମୁକୁଟ,
ଶିରପରେ ବିରାଜେ ଝଟ ଝଟ,
ଗଳିତ ରୁଧିର
ନରମୁଣ୍ଡ ହାର
ଗଳଦେଶେ ବିଲମ୍ବିତ
ଶୋଭନ୍ତି ମୁକ୍ତାଦାମ ସହିତ ।

Digitized by srujanika@gmail.com

( ୯ )

ମାଳା-ପୁସ୍ତକ-ବରାଭୟକରା,
ପୀନ ଉନ୍ନତ ଘନପୟୋଧରା,
ଯଉବନ-ଉନମତ୍ତ ରୂପିଣୀ,
ରକ୍ତ ଅମ୍ବର ପରିଧାରଣୀ,
ତ୍ରିନେତ୍ର ଶୋଭନା
ସସ୍ମିତ ଦାମ୍ଭିକା
ଉନ୍ମୁକ୍ତ ମୁଖ ଛବି
ଶାନ୍ତ ଶାନ୍ତ ତ୍ରିପୁର ଭଇରବୀ ।

( ୧୦ )

ସତ୍ତ୍ୱ ରଜ ତମ ଯନ୍ତ୍ରରୂପିଣୀ,
ଛିନ୍ନ ସ୍ୱଶିର ଯୁକ୍ତ ବାମପାଣି,
ଦକ୍ଷହସ୍ତେ ତୀକ୍ଷ୍ଣ କାତି ଶୋଭିତ,
ଗଳାରେ ନୃମୁଣ୍ଡମାଳା ଭୂଷିତ,
ବିସ୍ତୃତ ଲପନା
ଚଞ୍ଚଳ ରସନା
ଜାତ କଣ୍ଠ ବିନିର୍ଗତ-
ରୁଧିର ପାନେ ରତ ଅବିରତ ।

Digitized by srujanika@gmail.com

( ୫ )

ମୁକ୍ତଛଡ଼ କେଶୀ ପୁଷ୍ପ ଭୂଷିତା,
ଦିଗମ୍ବରୀ ଶ୍ମଶାନରେ ସ୍ଥିତା,
ସର୍ବଦା ଷୋଡ଼ଶ ବର୍ଷ ବପୁଷୀ,
ଶୂଳୀ-ଢ଼ୟସ୍ତ୍ରୀଜ-ଉଷ-ଲଲସ୍ତୀ,
ଘୋର ଉତ୍ତୃଙ୍କସ
ଅସ୍ଥି ମାଳା,ଧର
ନାଗୋପବୀତ ଧାରଣୀ
କର୍କଶ ପୃଥୁଲ ଉନ୍ନଧସ୍ତନୀ ।

( ୬ )

ବାମରେ ଡାକିନୀ ନାମନାୟିକା;
ପୁର୍ଣ୍ଣିହ୍ନ ଦକ୍ଷିଣେ ବର୍ଣ୍ଣିନୀ ଏକା,
ସ୍ୱୀୟ ଗଳଦେଶ ଗଳିତ ରକ୍ତ,
ପାନ କରୁଛନ୍ତି ହୋଇ ଅନୁରକ୍ତ,
ଶୋଣିତ ବରଣୀ
ଜଗତ ଜନନୀ
କାଦମ୍ବରୀ ଉନମତ୍ତା
ଶବାସୀନା ମାତଃ ଶ୍ରୀଛିନ୍ନମସ୍ତା ।

Digitized by srujanika@gmail.com

(୧୩)

ବାୟସ ଧ୍ୱଜରଥ ଅଧିରୋହଣୀ,
ଦୀର୍ଘାଙ୍ଗୀ ବିଧବା-ରୂପ ଧାରିଣୀ,
ଅବିରତ କ୍ଷୁଧା ତୃଷା ଆକୁଳ,
ଅମଙ୍ଗଳା ଅତି ମଳିନାମ୍ବର,
ବିରଳ ଦଶନା
ବିଲମ୍ବିତ ସ୍ତନା
ରୂକ୍ଷ ନୟନୀ ଚଞ୍ଚଳା
ବିସ୍ତୃତ ଘୋଣା ବିବର୍ଣ୍ଣ କୁନ୍ତଳା ।

(୧୪)

ଉଦ୍ଧତା କଳହ ତତ୍ପରା,
ସୂର୍ପ ବରମୁଦ୍ରା ଶୋଭିତକରା,
ମାନ୍ତ୍ରିକ ମନ୍ତ୍ରରେ ହୋଇତୁଷ୍ଟମଣ,
ଶତ୍ରୁ ବିନାଶି ପ୍ରଦାନ୍ତି ଯଶ,
ପୁଣି ଉଚ୍ଚାଟନ
ଆଦି କର୍ମମାନ
କରନ୍ତେ ତୁଷ୍ଟ ଅନନ୍ତ-
ବିଳମ୍ବେ ସିଦ୍ଧ କରୁ ଧୂମାବତୀ ।

Digitized by srujanika@gmail.com

(୧୫)

ସୁଧାବ୍ଧି ମଧ୍ୟମଣି ମଣ୍ଡପରେ,
ସ୍ଥିତ ରତ୍ନ ନିର୍ମିତ ବେଦିକାରେ,
ଦିବ୍ୟ ସିଂହାସନେ ପୀତବରଣୀ,
ବାମକରେ ଶତ୍ରୁ ରସନା ଘେନି,
ଦକ୍ଷିଣେ ମୁଦ୍ଗର
ଧରୁ ଗର୍ବ ଚୂର—
ଚରଣେ ଅତି ପ୍ରବଳା
ପୀତାମ୍ବର ହେମଭୂଷା ବଗଳା ।

(୧୬)

ଅର୍ଦ୍ଧ ରଜନୀ-ନାୟକ ଧାରିଣୀ,
ରବି ଶଶୀ ବୈଶ୍ୱାନର ଈକ୍ଷଣୀ
ପାଶାଙ୍କୁଶ ଅସି ଖେଟକ ହସ୍ତା,
ରତ୍ନ ରଚିତ ସିଂହାସନେ ସ୍ଥିତା,
ପୀନ ପୟୋଧରୀ
ଶିବ-ମନୋହାରୀ
ସୁସ୍ନିଗ୍ଧ ଶ୍ୟାମଳ ଅଙ୍ଗୀ
ଦଧତା ଶକ୍ତି ଦାୟିନୀ ମାତଙ୍ଗୀ,

Digitized by srujanika@gmail.com

(୧୭)

କୁଙ୍କୁମ କେଶର ସଦୃଶ ଅଙ୍ଗ,
ନବ ଯଉବନେ ଦିଶଇ ଶୋଭ,
କୋମଳ ମୃଣାଳ ଭୁଜ ଯୁଗଳ,
କେୟୂରାଦି ବିଭୂଷଣେ ମଞ୍ଜୁଳ ।
ସୁମାଣିକ୍ୟ ହାର
କୁଣ୍ଡଳ ଅବର
ମୁକୁଟରେ ବିଭୂଷିତା
ଅଳ୍ପ ଉନ୍ନତ କୁଚ ବିରାଜିତା ।

(୧୮)

ବଦନରେ ପଦ୍ମ ହୁଏ ଭ୍ରମିତ,
ନୟନ ନୀଳ ଉତ୍ପଳ ଗଞ୍ଜିତ,
ପାଦ ଦ୍ୱୟେ ନୂପୁର ବାଦିତ,
ଦେଉଅଛି ସ୍ୱନନାଦ ସହିତ,
କନକ ପ୍ରାଚୀର
ମଧ୍ୟେ ଯତ୍ରି ପୁର-
ତରୁ ମୂ[illegible] ସ୍ଥାନ-
ସିଂହାସନ ଧନଦା ଭୋ ଅସନ ।

( ୧୯ )

କାଳିକା ତାରା ତ୍ରିପୁର ସୁନ୍ଦରୀ,
ଭୁବନେଶ୍ୱରୀ ଭୈରବ୍ୟାଦି କରି,
ଛିନ୍ନମସ୍ତା ଧୂମାବତୀ ବଗଳା,
ମାତଙ୍ଗୀ ଧନଦା କମଳା ହେଲା,
ସୁରଙ୍ଗୀ ନୃମଣି
ରୁଦ୍ର ରୂପା ମଣି
ଗଞ୍ଜନ କର୍ପୂରଚନ୍ଦନ-
ଜଗଦେବଙ୍କୁ କର କୃପା ଦାନ ।



# ବିଜ୍ଞାପନ ।

ମାନନୀୟ ଶ୍ରୀଯୁକ୍ତ ଚନ୍ଦ୍ରାମଣି ମହାନ୍ତି ମହୋଦୟଙ୍କ ପ୍ରଣୀତ

## କୃଷିପୁସ୍ତକ ।

| | |
|---|---|
| ନଲେନଆଳୁ ଓ ତମାଖୁ କୃଷି | ଡ଼ ୦ /୩ |
| ଚେଉ ଚଣା କୃଷି | ଡ଼ ୦ /୦ |
| ଶିମ୍ଳା ଆଳୁ କୃଷି | ଡ଼ ୦ /୦ |
| ଫଳଘ କୃଷି | ଡ଼ ୦ ୦ ୯ |
| ମାଣ୍ଡିଆ କୃଷି | ଡ଼ ୦ /୦ |
| ବଥା କୃଷି | ଡ଼ ୦ /୦ |
| ପଟୋଳ କୃଷି | ଡ଼ ୦ /୦ |
| କଦଳୀ କୃଷି | ଡ଼ ୦ /୦ |
| ନଡ଼ମ ( ହୋଡ଼ ) କୃଷି | ଡ଼ ୦ /୩ । |
| ପାଚେଡ଼ୀ ( ଚଡ଼ଣୀ ) ପଦ୍ଧତି | ଡ଼ ୦ ୦ ୯ |

ଶ୍ରୀ ସୋମନାଥ ମହାନ୍ତି ।
ନରପୁର, ଗଞ୍ଜାମ ।

Digitized by srujanika@gmail.com